# Akashvani, Sambalpur

## SAMBALPURI NEWS BULLETIN

### 28 May 2024- 6.47- 6.52 am.

*************************************************

୭ ନମ୍ବର୍ ଖେପ୍ ଲୋକ୍‌ସଭା ନିର୍ବାଚନ୍   ଆର୍‌ଏନ୍‌ୟୁ /ସମ୍ବଲପୁର

ଦେଶର୍ ୭ ନମ୍ବର୍ ଆଉ ଶେଷ୍ ଖେପ୍ ନିର୍ବାଚନ୍‌ଥି ୮ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍‌ର ୫୭ ଟା ସଂସଦୀୟ କ୍ଷେତ୍ର ନ  ଆଏବା ୧ ତାରିଖ୍ ଦିନ ଭୋଟ୍ ହେବା । ଇ ଖେପେ ଓଡ଼ିଶାର୍ ମୟୁର୍‌ଭଞ୍ଜ, ବାଲେଶ୍ୱର୍, ଭଦ୍ରକ୍, ଯାଜ୍‌ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍‌ସିଂହପୁର୍ ଲୋକ୍‌ସଭା ଆସନ୍ ଆର୍ ତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଭୋଟ୍ ହେବା ।

ଇତାର୍‌ଛଡ଼ା ପଞ୍ଜାବ୍ ଆର୍ ଉତର୍‌ପ୍ରଦେଶ୍‌ର ୧୩ ଟା ଲେଖା, ପଶ୍ଚିମବଙ୍ଗ୍‌ର ୯ ଟା, ବିହାର୍‌ର ୮ ଟା, ହିମାଚଲ୍ ପ୍ରଦେଶ୍‌ର ୪ ଟା, ଝାର୍‌ଖଣ୍ଡର ୩ ଟା ଆର୍ କେନ୍ଦ୍ରଶାସିତ୍ ଅଂଚଲ୍ ଚଣ୍ଡିଗଡ୍‌ର ଗୁଟେ ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେବା । ଇ ଖେପ୍

ଭୋଟ୍ ଲାଗି ପ୍ରଚାର୍ ଜୋର୍‌ସୋର୍ ଚାଲିଛେ । ଭିନ୍ ଭିନ୍ ଦଲର୍ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ଭୋଟ୍ ପ୍ରଚାର୍ କରୁଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ଜୁନ୍ ୪ ତାରିଖ୍ ଦିନ ସବୁ ଖେପର୍ ଭୋଟ୍‌ଗନ୍ତି କରାଯିବା ।

ପ୍ରଧାନ୍‌ମନ୍ତ୍ରୀ - ଓଡ଼ିଶା ଗସ୍ତ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଜେପିର ବରିଷ୍ଠ ନେତା ଆଉ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସ୍‌ବେ । ପ୍ରଧାନ୍‌ମନ୍ତ୍ରୀ କେନ୍ଦ୍ରାପଡ଼ା, ବାଲେଶ୍ୱର୍ ଆର୍ ବାରିପଦା ନ ଦଲୀୟ ପ୍ରାର୍ଥୀମାନ୍‌କର୍ ଲାଗି ପ୍ରଚାର୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ । ସେନ୍ତା ବିଜେପି ବରିଷ୍ଠ ନେତା ଆର୍ ଗୃହମନ୍ତ୍ରୀ ଅମିତ୍ ଶାହା ଆଏଜ୍ ଓଡ଼ିଶା ଗସ୍ତଥି ଆସିକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେ ପୁରୀ ଜିଲ୍ଲାର୍ ନିମାପଡ଼ା ଇନ୍‌ଡୋର୍ ଷ୍ଟାଡ଼ିୟମ୍ ନ ହେବାର୍‌କେ ଥିବାର୍ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇତାର୍‌ଛଡ଼ା ଶ୍ରୀ ଶାହା ପାଣିକୋଇଲି, ଚାନ୍ଦବାଲି ଆର୍ କୋରେଇ ନ ଭିଲ୍ ଦଲୀୟ ନିର୍ବାଚନୀ ସଭାକେ ସମ୍ବୋଧନ୍ କର୍‌ବେ । ବରିଷ୍ଠ ବିଜେପି ନେତା ଆର୍ ଆସାମ୍ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଆଏଜ୍

ରାଇରଙ୍ଗ୍‌ପୁର୍ ଠାନେ ଗୁଟେ ରୋଡ୍ ସୋ ଥି ଯୋଗ୍ ଦେବେ । ଇତାର୍‌ଉତ୍‌ରୁ ମୋରଡ଼ା ନିର୍ବାଚନ୍ ମଣ୍ଡଲୀର ସୁଳିଆପଦା, ସୋରର ରଘୁନାଥପୁର୍ ଆର୍ ଜଗତ୍‌ସିଂହପୁର୍‌ଠାନେ ବିଜୟ ସଂକଳ୍ପ ସମାବେଶ୍‌ଥି ଯୋଗ୍ ଦେବେ ।

ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ଆଏବାକାଏଲ୍ ବାଲେଶ୍ୱର୍ ଆର୍ ଚାନ୍ଦ୍‌ବାଲି ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ । ସେନ୍ତା ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭଦ୍ରକ୍ ଜିଲ୍ଲା ନ ଆଏବା ୩୦ ତାରିଖ୍ ଗୁରୁବାର୍ ଦିନ ଦଲୀୟ ପ୍ରଚାର୍ ସଭାଥି ଯୋଗ୍ ଦେବେ ବଲି କଂଗ୍ରେସ୍‌ର ଓଡ଼ିଶା ପ୍ରଭାରୀ ଅଜୟ କୁମାର୍ ସୂଚ୍‌ନା ଦେଇଛନ୍ ।

ଓପିଏସ୍‌ସି ନୂଆଁ ଅଧ୍ୟକ୍ଷ          ଆର୍‌ଏନ୍‌ୟୁ / ସମ୍ବଲପୁର

ଓଡ଼ିଶା ଲୋକସେବା ଆୟୋଗ - ଓପିଏସ୍‌ସିର ନୂଆଁ ଅଧ୍ୟକ୍ଷ ଭାବେ ପ୍ରଫେସର୍ ସରିତା ସୂପକାର୍‌ଙ୍କୁ ନିଯୁକ୍ତି ଦିଆଯାଇଛେ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତରଫୁ ବିଜ୍ଞପ୍ତି ବାହାରିଛେ । ପ୍ରଫେସର୍ ସୂପକାର୍ ଏଛେନ୍ ଓପିଏସ୍‌ସିର ସଦସ୍ୟ ଥିବାର୍ ବେଲେ ତାଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଅବସ୍ଥାପିତ୍ କରାଯାଇଛେ । ନୂଆଁ ଅଧ୍ୟକ୍ଷ କି

ପରବର୍ତ୍ତୀ ନିର୍ଦ୍ଦେଶ୍‌ନାମା ବାହାର୍‌ବାର୍‌ତକ୍ ପ୍ରଫେସର୍ ସୂପକାର୍ ଅଧ୍ୟକ୍ଷ ଭାବେ କାମ୍ କର୍‌ବେ ।

ଡିଏମ୍‌ଇଟି ନିଯୁକ୍ତି ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ରଫେସର୍ ଡାକ୍ତର୍ ସନ୍ତୋଷ୍ କୁମାର୍ ମିଶ୍ର ଭେଷଜ୍ ଶିକ୍ଷା ଆଉ ତାଲିମ୍ ନିର୍ଦ୍ଦେଶକ୍- ଡିଏମ୍‌ଇଟି ଭାବେ ନିଯୁକ୍ତି ପାଇଛନ୍ । ଇ ବାବ୍‌ଦେ ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ପ୍ରଫେସର୍ ମିଶ୍ର ଏଛେନ୍ ବ୍ରହ୍ମପୁର୍ ଏମ୍‌କେସିଜି ମେଡ଼ିକାଲ୍ କଲେଜ୍‌ର ଅଧ୍ୟକ୍ଷ ଭାବେ କାମ୍ କରୁଛନ୍ ।

ପିଜି ନାଁଲେଖା-ଶେଷ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ସବୁ କଲେଜ୍ ଆଉ ବିଶ୍ୱବିଦ୍ୟାଳୟର୍ ସ୍ନାତକୋତର - ପିଜି ନାଁଲେଖା ଲାଗି ଆବେଦନ୍ ଗଲାକାଏଲ୍ ଶେଷ୍ ହେଇଛେ । ଶହେ ୧୩ ଟା ଉଚ୍ଚଶିକ୍ଷାନୁଷ୍ଠାନ୍‌ର ୨୮ ହଜାର୍ ୯ ଶହ ୨୬ ଟା ପିଜି ଆସନ୍ ଲାଗି ୫୯ ହଜାର୍‌ନୁ ଅଏତ୍‌କା ପ୍ରାର୍ଥୀ ଆବେଦନ୍ କରିଛନ୍ । ଏକକ ପିଜି ପ୍ରବେଶିକା ପରୀକ୍ଷା- କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ

ଲାଗି ଅନ୍‌ଲାଇନ୍ ଜରିଏ ସାମ୍ସ ପୋର୍ଟାଲ୍‌ଥି ଆବେଦନ୍ କରାଯାଇଥିଲା । ଆଏବା ମାସର୍ ୨୨ ତାରିଖ୍‌ନୁ ଆବେଦନ୍‌କାରୀମାନ୍‌କୁ ପ୍ରବେଶ୍‌ପତ୍ର - ଏଡ଼ମିଟ୍‌କାର୍ଡ଼ ସାମ୍ସ ୱେବ୍‌ସାଇଟ୍‌ନୁ ମିଳିପାର୍‌ବା । ଆଏବା ଜୁଲାଇ ମାସ ୩ ନୁ ୧୪ ତାରିଖ୍‌ତକ୍ ପ୍ରବେଶିକା ପରୀକ୍ଷା ହେବା ।

ଯକ୍ଷ୍ମା ଉଷୋ          ଆର୍‌ଏନ୍‌ୟୁ / ସମ୍ବଲପୁର

କେନ୍ଦ୍ର ସର୍‌କାର୍‌ଙ୍କର୍ ତର୍‌ଫୁ ରାଜ୍ୟକେ ଯକ୍ଷ୍ମା ଉଷୋ ଯୋଗାଣ ଫେର୍ ମୁଲ୍ ହେଇଛେ ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଜନାପଡ଼ିଛେ । ଇତାର୍‌ସହେତେ ଖୁଲାବଜାର୍ ନ ଭିଲ୍ ଇ ଉଷୋ ଏଛେନ୍ ମିଲ୍‌ଲାନ । ସେଥିର୍‌ଲାଗି ଆଏବା କେତେଦିନ୍ ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ଯଥେଷ୍ଟ ପରିମାଣ୍‌ର ଉଷୋ ମିଲ୍‌ବା ବଲି ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶୂନ୍ୟଛାୟା          ଆର୍‌ଏନ୍‌ୟୁ / ସମ୍ବଲପୁର

ଶୂନ୍ୟଛାୟା ଆଏଜ୍ ଦିନର୍ ୧୧ ବାଜିକରି ୫୨ ମିନିଟ୍‌ଥି ଦେଖାଦେବା ବଲି ବୁର୍ଲା ଏପିଜେ ଅବଦୁଲ୍ କଲାମ୍

ପ୍ଲାନେଟୋରିୟମ୍ର ଯନ୍ତ୍ରୀ ରାକେଶ୍ ସାହୁ କହିଛନ୍ । ଇ ସୁନ୍ଦର୍ ଦୃଶ୍ୟକେ ଉପଭୋଗ୍ କର୍ବାର୍ ସହେତେ ଇତାର୍ପଛେ ରହିଥିବା କାରଣ୍ ମାନ୍ ଜାନ୍ବାର୍ ଲାଗି ପ୍ଲାନେଟୋରିୟମ୍ ନ ହେବାର୍କେ ଥିବାର୍ କାର୍ଯ୍ୟକ୍ରମ୍ଥି ଯୋଗ୍ ଦେବାର୍କେ ଶ୍ରୀ ସାହୁ ଅନୁରୋଧ୍ କରିଛନ୍ ।

ଭୋଟ୍ କାମ୍-ସର୍କାରୀ ଟିଏ ଡିଏ

ସୂଚନା ଆଉ ଲୋକସମ୍ପର୍କ କାର୍ଯ୍ୟାଳୟ

ସାଧାରଣ୍ ନିର୍ବାଚନ୍ ପରିଚାଳନା କାମ୍ଥି ନିୟୋଜିତ୍ ହେଇଥିବା ସର୍କାରୀ କର୍ମଚାରୀମାନେ ସେମାନ୍କର୍ କାର୍ଯ୍ୟାଳୟ ନୁ ଗସ୍ତ ଖର୍ଚ୍ଚ ଆର୍ ମହଙ୍ଗାଭତା ପାଏବେ । ସର୍କାରୀ କର୍ମଚାରୀମାନ୍କର୍ ଦର୍ମା ବାବଦ୍ ସବିଶେଷ୍ ତଥ୍ୟ ସେମାନେ କାମ୍ କରୁଥିବା କାର୍ଯ୍ୟାଳୟ ମୁଖ୍ୟଙ୍କର୍ ଠାନେ ରହୁଥିବାର୍ନୁ ସେମାନେ ଟିଏ ଡିଏ ଅର୍ଥ ବିଭାଗ୍ର ସର୍କୁଲାର୍ ଅନ୍ସାରେ ସେନୁ ପାଏବେ । ଇ ବାବ୍ଦେ ଅର୍ଥ ବିଭାଗ୍ର ସହମତି ଅନ୍ସାରେ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ତର୍ଫୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛେ ।

ବିମାନ୍ ଭଡ଼ା          ଆର୍ଏନ୍ୟୁ / ସମ୍ବଲପୁର

ଗଲା ୧୮ ମାସ୍ ଭିତ୍ରେ ଦେଶର୍ ପ୍ରମୁଖ ମାର୍ଗଥି ଘରୋଇ ବିମାନ୍ ଭଡ଼ା ଶତ୍କଡ଼ା ୪୦ ଭାଗ୍ ବଢ଼ିଛେ । ହେଲେ ଇଟା ପୁରଥିର୍ ସବୁଠାନୁ କମ୍ ବିମାନ୍ ଭଡ଼ା ବଲି ଜନାପଡ଼ିଛେ । ଦେଶେ ଘରୋଇ ବିମାନ୍ ଫି ଦିନ ହାରାହାରି ସାଢ଼େ ୪ ଲାଖ୍ ଯାତ୍ରୀ ଯା'ଆସ୍ କରୁଛନ୍ ।

ପାଣିପାଗ          ଆର୍ଏନ୍ୟୁ / ସମ୍ବଲପୁର

ଦେଶେ ଆଏବା ୩୧ ତାରିଖ୍ ଭିତ୍ରେ ମୌସୁମୀ ପୁହୁଁଚିବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ଇତାର୍ସହେତେ ମୌସୁମୀ ଋତୁ ନ ଇ ବଛର୍ ସ୍ୱାଭାବିକ୍ ବର୍ଷା ହେବା ବଲି ଆକଲନ୍ କରାଯାଇଛେ । ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍ରେ ଉତର୍ପୂର୍ବ ରାଜ୍ୟ ମାନ୍କେ ମୌସୁମୀ ବର୍ଷା ସ୍ୱାଭାବିକ୍ନୁ କମ୍ ରହେବା । ଇତାର୍ଛଡ଼ା ଓଡ଼ିଶା ସହେତେ ଛତିଶ୍ଗଡ୍, ମଧ୍ୟପ୍ରଦେଶ୍, ଗୁଜୁରାଟ୍ ଆର୍ ରାଜସ୍ଥାନ୍ ନ ସ୍ୱାଭାବିକ୍ନୁ ଅଏତ୍କା ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ଆକଲନ୍ କରିଛେ ।